# ଧର୍ମପଦ

ନବମ ସଂସ୍କରଣ

ପ୍ରକାଶକ
ଗୋପବନ୍ଧୁ ସାହିତ୍ୟ ମନ୍ଦିର
ପୋ: ଅ: ମଙ୍ଗଳାବାଗ, କଟକ

ମୂଲ୍ୟ ଛଅ ଅଣା ମାତ୍ର

ଜଣା ନାହିଁ । ଏ ଜନଶ୍ରୁତି ସମ୍ବନ୍ଧରେ ଲୋକମୁଖରେ ଯାହା କଥିତ ହୋଇଥାଏ, ସେଥିରେ ଶୁଣାଯାଏ ଯେ, ରାତିକ ମଧ୍ୟରେ ପୁଅ ଦେଉଳ ପୂର୍ଣ୍ଣ କରିଦେବାରୁ ବାରଶହ ବଢ଼େଇଙ୍କ ଖାତିରରେ ନିଜେ ବାପ ପୁଅକୁ ଦେଉଳ ଉପରୁ ଗଡ଼ାଇଦେଇ ମାରି ପକାଇଥିଲା; ମାତ୍ର ଏହା ଅସ୍ୱାଭାବିକ—ଏପରି କରିବାକୁ କୌଣସି ବାପର ହାତ ଯିବ ନାହିଁ; ପ୍ରବୀଣ ବିଶାରଦ ବାରଶତ ଶିଳ୍ପୀ ଏପରି କାର୍ଯ୍ୟରେ ବାପାକୁ ଅନୁରୋଧ କରିବା ଅସଙ୍ଗତ । ବିଚକ୍ଷଣ ବାରଶହ ବଢ଼େଇ ଯେ କାର୍ଯ୍ୟ କରିବାକୁ ଅସମର୍ଥ, ବାର ବର୍ଷର ବାଳକ ପକ୍ଷରେ ତାହା ସମ୍ପାଦନ କରିବା ଅସାଧ୍ୟ ହୋଇପାରେ; ମାତ୍ର ଅସମ୍ଭବ ନୁହେ । ମାନବ-ସମାଜରେ ଏପରି ଅଦ୍ଭୁତ ଶକ୍ତି ଓ ପ୍ରତିଭା ମଧ୍ୟେ ମଧ୍ୟେ ପ୍ରକାଶ ପାଇଥାଏ । ଧ୍ରୁବ, ପ୍ରହ୍ଲାଦ, ଏକଲବ୍ୟ, ଶୁକ, ଅଭିମନ୍ୟୁ ପ୍ରଭୃତି ପୁରାଣର କଥା; ଶଙ୍କରାଚାର୍ଯ୍ୟ, ବାଦଲ ପ୍ରଭୃତିଙ୍କ ଅଦ୍ଭୁତ ପ୍ରତିଭା ଐତିହାସିକ ସତ୍ୟ । ଆଜିକାଲି ଯୁଗରେ ମଧ୍ୟ ଏଭଳି ଘଟଣାର ଏକାବେଳକେ ଅଭାବ ଦେଖାଯାଏ ନାହିଁ । ସଂପ୍ରତି ବ୍ରହ୍ମଦେଶରେ ପାଞ୍ଚ ବର୍ଷର ଗୋଟିଏ ବାଳକ ଧର୍ମ ବିଷୟକ ନାନା ଗୂଢ଼ତତ୍ତ୍ୱ ପ୍ରଚାର କରୁଅଛନ୍ତି । ତାଙ୍କ ମାହାତ୍ମ୍ୟ ଓ ପ୍ରତିଭା ଦେଖି ଶତ ଶତ ଲୋକ ତାଙ୍କର ଅନୁଗାମୀ ହେଉଅଛନ୍ତି । ଏପରି ଅସାମାନ୍ୟ ଓ ଅଲୌକିକ ପ୍ରତିଭା ଦେଖିଲେ "ଧର୍ମପଦ"କୁ କିଂବଦନ୍ତୀର ଅମୂଳକ

କଳ୍ପନା ବୋଲି କିଏ କହିପାରେ ? ଏକ ସମୟରେ ଶିଳ୍ପ ଓ ସ୍ଥାପତ୍ୟ ଉତ୍କଳରେ ଯେପରି ଉନ୍ନତିର ପରାକାଷ୍ଠା ଲାଭ କରିଥିଲା, ସେଥିରେ ଏଭଳି ବାଳକର ଆବିର୍ଭାବ ସ୍ୱାଭାବିକ ମନେହୁଏ ।

"ଧର୍ମପଦ"ରେ କାବ୍ୟକଳାର କୁଟିଳତା ବା ଶିଳ୍ପର ସୌକୁମାର୍ଯ୍ୟ ନିମନ୍ତେ ପ୍ରୟାସ ହୋଇନାହିଁ । ଏହି କିଂବଦନ୍ତୀର ଅବଲମ୍ବନରେ ଖଣ୍ଡିଏ ଉପନ୍ୟାସ ଲେଖିବାକୁ ମନେ ବଳୁଥିଲି । ମାତ୍ର ତାହାର ଆକାର ଦୀର୍ଘ ହେବ ଏବଂ ତାହା ସମୟ ଓ ଧୈର୍ଯ୍ୟସାପେକ୍ଷ । କାରାଗାରରେ ମୋ ପରି ସାଧାରଣ ପ୍ରକୃତିର ଜଣେ ବନ୍ଦୀ ପକ୍ଷରେ ସେପରି ଧୈର୍ଯ୍ୟ ଓ ମନୋଽଭିନିବେଶ ସହଜ ନୁହେ । ତେଣୁ ସେ କଳ୍ପନା ଛାଡ଼ି ବାଲ୍ୟ ଅଭ୍ୟାସର ବଶବର୍ତ୍ତୀ ହୋଇ କେବଳ ପଦ ମିଳାଇ "ଧର୍ମପଦ" ଓ ସେହିପରି ଅନ୍ୟାନ୍ୟ କେତେକ ପଦ୍ୟ ଲେଖି କାରାର କରାଳ ବିଜନତାରେ ଆତ୍ମପ୍ରସାଦ ଲାଭ କରୁଥିଲି । କବିତାର ମୋହନ ମାଧୁରୀରେ ଆକୃଷ୍ଟ ନ ହେଲେ ସୁଦ୍ଧା ବିଜନବନ୍ଦୀର ନିଭୃତ ବିକ୍ଷିପ୍ତ ପ୍ରାଣର ସ୍ପନ୍ଦନରେ ସହାନୁଭୂତି କରି "ଧର୍ମପଦ" ପଢ଼ିବାଦ୍ୱାରା ଉତ୍କଳବାସୀ ନିଜ ଜାତୀୟ ଗୌରବରେ କ୍ଷଣକ ଲାଗି ଅନୁପ୍ରାଣିତ ହେଲେ ପରମ ପ୍ରୀତି ଓ ଆହ୍ଲାଦ ଲାଭ କରିବି । ଇତି ।

ଗୋପବନ୍ଧୁ ଦାସ

ଶିଶୁଗଣ ମେଳେ ବାଲିଧୂଳି ଖେଳେ
କରେ କେତେ ନବ ସୃଷ୍ଟି,
ତୋଳଇ ଦେଉଳ ଗଢ଼ଇ ଅଟ୍ଟାଳୀ
ଧନ୍ୟ ବିଚକ୍ଷଣ ଦୃଷ୍ଟି ।

ଦେଖି କାରିଗର ତା କଳାକୁଶଳ
ଆଶ୍ଚର୍ଯ୍ୟ ମଣନ୍ତି ଜନେ,
କହନ୍ତି, "ଆୟୁଷ ଥିଲେ ଏ ପିଲାଟି
ହେବ କେତେ ଲୋକେ ଜଣେ ।"

ପଚାରଇ ପୁଅ ଯେବେ ଶିଳ୍ପତତ୍ତ୍ୱ
କହନ୍ତି ମାତା ଉତ୍ତରେ,
"ପଢ଼ିଲେ ଜାଣିବୁ ସବୁ ଆରେ ଧନ
ପୋଥି ଅଛି ଆମ ଘରେ ।"

ପାଞ୍ଚ ବର୍ଷ ବେଳେ ଗ୍ରାମ ଚାଟଶାଳେ
ଓଝା ଛୁଆଁଇଲେ ଖଡ଼ି,
ଛୁଆଁ ଛୁଆଁ ପୁଅ ଅଳପ ଦିନରେ
ଗଲା ସବୁ ପାଠ ପଢ଼ି ।

ଗୀତା ଭାଗବତ ପୁରାଣ ଚରିତ
ହୋଇଲା ଅଭ୍ୟାସ ତାର,
ଦେବାଳୟ ତୋଳା ପୁଷ୍କରିଣୀ ଖୋଳା
ହିସାବ ଯେତେ ପ୍ରକାର ।

ସଙ୍ଗ ଗୃହେ କେତେ ସହି ନ ପାରନ୍ତି
ଆନେ କରନ୍ତି ଆଦର,
ସମସ୍ତଙ୍କଠାରେ ସମ ସ୍ନେହ ତାର,
ନାହିଁ କେହି ପରାପର ।

ଗୁହାଳରୁ ଆସି ଘରେ ଶିଳ୍ପଶାସ୍ତ୍ର
ପଢ଼େ କରି ଏକ ଲୟ,
କାଠ ପାଷାଣରେ ଗଢ଼ଇ ମୂରତି
କେତେ ରଥ, ଦେବାଳୟ ।

ଦିନେ ଗୁହାଳୀରୁ ଫେରିଆସି ପୁଅ
ଉଭା ହେଲା ମାତା ପାଶେ;
ଆଖି ଥନଥନ, ବଦନ ମଳିନ,
ତୁଣ୍ଡରେ କଥା ନ ଆସେ ।

ପୁଅକୁ ଅନାଇ ମାତା ଅତି ଛନ୍ଦେ
ପଚାରନ୍ତି ବେଗେ ଦୁଃଖେ,
"କିପାଇଁ ରେ ଧନ ବିରସ ତୋ' ମନ,
ହସ ନାହିଁ କିମ୍ପା ମୁଖେ ?

ଗୁହାଳୀରୁ ଫେରି ଆନ ଦିନ କେତେ
ହରଷରେ କେତେ କଥା,
ଆଜି ତୋ ଏ ସ୍ଥିତି ଦେଖି ମୋର ଚିତ୍ତ
ଲାଗୁଛି ପରାଣେ ବ୍ୟଥା ।

ଦେଇଛନ୍ତି ଦଣ୍ଡ ଅବଧାନେ ଅବା
ଗାଳିଦେଲେ ଆନ ଗୃହେ,
ସ୍ଥାନମାନ କରି କିଏ କି କହିଲା
କବାଁ ଧାଣ୍ଡେ ବାଟେ ଘାଟେ ?

ଫେଡ଼ି କହ ବାବୁ, ଘଟିଛି ଯା ସବୁ
ଛୁଟୁ ମୋ ମନୁଁ ସନ୍ଦେହ,
ମୁଁ ତ ଜାଣେ ତୋର ଗୁଣ ଆଚରଣେ
ସମସ୍ତେ କରନ୍ତି ସ୍ନେହ ।

କାନ୍ଦ କାନ୍ଦ ହୋଇ କପାଇଁ ରେ ବାଇ
'କଥା ନ ଆଣୁଛୁ ମୁଖେ ?
ନ ଜାଣୁ କି ବାବୁ, ତୋ ଏ ଭାବ ଦେଖି
ବଜ୍ର ପଡ଼ଇ ମୋ ବୁକେ !

ଲକ୍ଷେ ଦେବଦେବୀ— ପାଦ ସେବି ସେବି
ପାଇଛି ରେ, ତତେ ଧନ !
କେତେ ମରି ମରି ରଙ୍କୁଣୀ ସଙ୍ଗାଳି
ତୁ ମୋର ଜୀବ-ଜୀବନ ।

ତତେ ଚାହିଁ ସିନା କାନ୍ଦୁଛି ମୁଁ ଧନ
ଏକାକିନୀ ଏତେ କାଳ,
କହ ମନକଥା ଓମା କୁଳ-ଚନ୍ଦ୍ରମା
ଭିକାରିଣୀ ଗଳାମାଳ ।"

ମାତା ଆଶ୍ୱାସନା ପାଇ ପଚ୍ଛେ ପୁଅ
ତେଜିଣ ମନୁଁ ସନ୍ତାପ,
"କହ ମା, ସତେ କି ଅଛୁ ଆମ କୁଳ
କହ କିଏ ସେ ମୋ ବାପ ?"

କହନ୍ତି ଜନନୀ, "କେବେ ତ ଏ କଥା
ପଚାରି ନ ଥିଲୁ ଥରେ,
ଚାହାଳୀରୁ ଆସି କହଁା ବାବୁ ଆଜ
ପଚାରୁ ଏଡ଼େ କାତରେ ?"

କହନ୍ତେ ପୁଅ, "ଆଜି ଚାହାଳୀରେ ଚାଟେ
କହିଲେ ମତେ ଯେ କଥା,
ଲାଜ ଅପମାନେ ଗଲି ମୁହିଁ ସଡ଼ି
ଟେକି ନ ପାରିଲି ମଥା ।

ଚାହାଳୀରେ ଯେବେ ଲେଖୁଥିଲି ପାଠ
ଗୋଟାଳ ମୋ ଗଲା ଗଡ଼ି,
ନିକଟ ପିଲାକୁ କହିଲି ହେ ଭାଇ,
ବଢ଼ାଇ ଦିଅ ସେ ଖଡ଼ି ।

ମୋ କଥାରେ ସେ ତ ଦେଲା ନାହିଁ ଖଡ଼ି,
କରି କଲା ଉପହାସ !
'ଭାଇ ଡାକ ଆଣ୍ଡା— ଦିଏ ଅବାବୁଆ
ଏହାର କେଡ଼େ ସାହସ !

ନ କହିଣ କିଛି　　　　ଅଳପେ ହସିଲେ
ତହିଁ ଆନ ପିଲାମାନେ,
ଲାଜେ ମଥା ପୋତି　　　　ଗୋଇଠାଳି ଉଠାଇ
ଆଣି ବସିଲି ମୋ ଥାନେ ।

ନ କର ସଙ୍କୋଚ　　　　ଫେଡ଼ି ସତ କହ
ଛୁଇଁକରି ଏ ମୋ ଦେହ,
ଆମ କୁଳକଥା,　　　　କାହାନ୍ତି ମୋ ପିତା,
ଯାଉ ମୋ ଭ୍ରମ ସନ୍ଦେହ ।"

କୋପେ ଜରଜର　　　　ଜନନୀ ସତ୍ୱର
ଭାଷନ୍ତି ଉଚ୍ଚେ ବଚନ,
"କିଏ ସେହି ପିଲା　　　　ଦେଲା ଏହିପରି
ଅପମାନ ଅକାରଣ ?

ତା ମା' ଏତେ ସତୀ,　　　　ମୋ ପୁଅକୁ ପୁଣି
କହେ ସେ ଅଣବାବୁଆ,
ତା କଥାରେ ଭୁଲି　　　　କର କିବା ଫଳ
ସେ ଜ୍ଞ ତ ଅଜ୍ଞାନ ଛୁଆ ।

ବୁଢ଼ା ବୁଢ଼ୀମାନେ　　　　କହୁଥାନ୍ତି ଯାହା
ଶୁଣିଛି ମୁଁ ପିଲାବେଳେ,
ପୂରୁବ ପୁରୁଷ　　　　ଯଶ ପଉରୁଷ
ବୁଝି ବାବୁ ଏଥୁଁ ହେଲେ ।

ସୃଷ୍ଟି ଆଦ୍ୟକାଳୁଁ  ବିଶ୍ୱକର୍ମା, ତାଙ୍କୁଁ
ଆମ କୁଳ ଉତ୍ପତ୍ତି,
ଏ କୁଳର ବଡ଼—  ବଡ଼େ ରଖିଛନ୍ତି
କେତେ ଅକ୍ଷୟ କୀରତି ।

ଇନ୍ଦ୍ରଦ୍ୟୁମ୍ନ ରାଜା  ତୋଳାଇଲେ ଯେବେ
ଶ୍ରୀକ୍ଷେତ୍ରେ ବଡ଼ ଦେଉଳ,
ହକାରିଣ ନାନା  ଦେଶୁଁ କାରିଗର
କରାଇଲେ ଆଗେ ଠୁଳ ।

ପରଖି ସକଳେ  ଯୋଗ୍ୟ ଶିଳ୍ପୀ ବାଛି
ଲଗାଇଥିଲେ ସେ କାମ,
ତୋ ପୂର୍ବପୁରୁଷେ—  ଶିରେ ଦେଲେ ଶାଢ଼ୀ
ପୁଣ୍ୟ ନୀଳାଚଳଧାମେ ।

କେତେ କାଳ ଅନ୍ତେ  ସେ ମନ୍ଦିର ଯେବେ
ସଂସ୍କାର କଲେ ଯଯାତି,
ତୋ ପୂର୍ବପୁରୁଷେ  ସେତେବେଳେ ତହିଁ
ରଖିଥିଲେ ବଂଶ-ଖ୍ୟାତି ।

ଶେଷେ ସେ ଦେଉଳ  ତୋଳାଇଲେ ପୁଣି
ଶ୍ରୀ ଅନଙ୍ଗଭୀମ ରାଏ,
ଉତ୍କଳେ ଅକ୍ଷୟ  କୀର୍ତ୍ତିସ୍ତମ୍ଭ ପ୍ରାଏ
ଶୋଭେ ଯାହା ଆଜଯାଏ ।

ଦିନେ ଗଲେ ମତେ ଯୁଗ ପରି ଲାଗେ
ଝୁରୁଛି ମୁଁ ଭାଳି ଭାଳି,
ରହିଅଛି ସିନା ତୋ ମୁହଁ ଅନାଇଁ
ତୁ ମୋ ନୟନ-ସଙ୍ଖାଳି ।"

ଏହିପରି କଥା କହୁଁ କହୁଁ ମାତା
ହୋଇଲେ ଅତି ବିକଳ
ତଳେ ମୁହଁ ପୋତି ବଳପିଲେ ସଖି
ବହେ ଅଶ୍ରୁ ଅବିରଳ ।

"କିପାଇଁ କହ ମା, କାନ୍ଦୁଛୁ କାତରେ"
ଚକିତେ ପଚାରେ ପୁଅ,
ବସି ମାତାକୋଳେ ବସନ ଅଞ୍ଚଳେ
ପୋଛେ ତାଙ୍କ ନେତ୍ର ଲୁହ ।

"କାହାନ୍ତି ମୋ ବାପ, କେତେ ଦିନ ହେଲା
କି କାର୍ଯ୍ୟେ ଗଲେ ସେ କାହିଁ ?
କେତେ ଦୂର ପଥ ଏଥୁଁ ସେ ରାଇଜ
ମୁଁ କି ନ ପାରିବି ଯାଇ ?

ନ ଅସେ କି ତହୁଁ ବାରତା ଏଠାକୁ
ଅଛନ୍ତି ଟିକି ସେ ଭଲେ ?
ଯିବାର ଉପାୟ କହ ମା ତୁରିତେ
ବାର୍ତ୍ତା ଆଣିବି ମୁଁ ଗଲେ ।"

ପୁଅର ମଧୁର କୋମଳ ବଚନେ
ମାତା ପାଇଲେ ଆଶ୍ବାସ,
ଚୁମ୍ବି ପୁତ୍ରମୁଖ କହନ୍ତି ଆହ୍ଲାଦେ
ପକାଇ ଦୀର୍ଘ ନିଶ୍ବାସ ।

"ମରିଯାଏଁ ମୁଁ ଲୋ, କି ବଳକେ ଲୁହ
ପୋଛୁ ଥିଅଇ ମୋ ଧନ,
ଏହି ଭରସାରେ ବାର ବର୍ଷ ହେଲା
ରହିଛି ଧରି ଜୀବନ ।

ବାର ବର୍ଷ ହେଲା ଯାଇଛନ୍ତି ବାପ
ଦେଉଳ ଗଢ଼ିବା ପାଇଁ,
ତୋଳାଉଛନ୍ତି ଯା ନରସିଂହ ଦେବ
ଗଜପତି ନରସାଇଁ ।

ଚନ୍ଦ୍ରଭାଗା ତୀର୍ଥେ ସାଗର-ପଥାରେ
ଗଢ଼ାହେଉଛି ଦେଉଳ;
କହିଛନ୍ତି ରାଜା, 'କଳା-କଉଶଳେ
ବିଶ୍ବେ ସେ ହେବ ଅତୁଳ ।'

ଶିବାଇ ସାଁତ୍ରା ପୁରର ପଧାନ
ବିଶ୍ବକର୍ମା-କୁଳ ରାଇ,
ଭଲ କାରିଗର ବାଛି ଲଗାଇଲେ
କାମେ ବାରଶ ବଢ଼ାଇ ।

ସେହି ଡାକଘରେ ଗଲେ ଯେ ତୋ ପିତା
ହ୍ରାହୁଡ଼ ନାହାନ୍ତି ଘରେ,
ସେତେବେଳେ ତୁ ମୋ ଗର୍ଭେ ସ୍ତର ମାସ,
ଜନ୍ମିଲୁ ଛ ମାସ ପରେ ।

କହୁଥିଲେ ଲୋକେ ହେବ ସେ ଦେଉଳ
ଧର୍ମଦେବତାଙ୍କ ରଥ,
ପୂର୍ବେ ଦୁର୍ଗ ରୂପେ ଉତ୍କଳର ପୁଣି
ଓଗାଳିବ ସିନ୍ଧୁ-ପଥ ।

ଧର୍ମଦେବତାଙ୍କ ଦେଉଳରେ ବାସ
କରୁଛନ୍ତି ବୋଲି କାମ,
ସୁମରଣ ତାଙ୍କୁ ଶରଧାରେ ଦେଲି
ଧର୍ମପଦ ତୋର ନାମ ।

ଦେଖି ନାହିଁ ତୀର୍ଥ ଶୁଣିଛି କେବଳ
'ସାତ ଥର ଯିବ ଗଙ୍ଗା,
ଥରେ କେହି ଯେବେ ଯିବ ଚନ୍ଦ୍ରଭାଗା
ମୁହଁ ପଡ଼ିଯିବ ଭଙ୍ଗା ।'

ଯିବା ଦିନୁଁ ବାପ ବାର ବର୍ଷ ହେଲା
ପାଇ ନାହିଁ ମୁଁ ବାରତା,
ତାଙ୍କ ଲାଗି ନିତ ପହ୍ନାଇ ବସାଇ
ପୂଜଇ ପନ୍ଥ-ଦେବତା ।

ଅଖଣ୍ଡଳ ଜାଳି ଗ୍ରାମଦେବତାଙ୍କ
ପାଦେ ପଡ଼େ ଅନୁକ୍ଷଣ,
ରବିବାର-ବ୍ରତ ପାଳି ମୁଁ ପଶିଛି
ଧର୍ମଦେବତା ଶରଣ ।"

କହେ ପୁଅ ତହୁଁ, "ଯିବ ଚନ୍ଦ୍ରଭାଗା,
କରିବି ବାପାଙ୍କୁ ଦେଖା;
ଆଣିବି ତାଙ୍କର କୁଶଳ ବାରତା
ତାଙ୍କ ନିଜ ହାତଲେଖା ।"

"ମୋ ନେତ୍ରପିତୁଳି, ଛାଡ଼ି କରେ ତତେ
ପାରିବି ମୁଁ କ୍ଷଣେ ବଞ୍ଚି ?
ମୋ ଅନ୍ଧାର ଘରେ ତୁ ଏକା ପ୍ରଦୀପ
ମୋ ହୃଦ-ସିନ୍ଦୁକ-କାଞ୍ଚି ।

ଆହୁଲା ତୁ ମୋର ଜୀବନ-ବୋଇତେ
ଅନ୍ଧର ଆଶ୍ରା-ଲଉଡ଼ି,
ତୋ ବିନେ ନିଚଳି ଯିବ ସିନା ବାବୁ
ଶୋକ-ସିନ୍ଧୁ-ଜଳେ ବୁଡ଼ି ।"

କହେ ପୁଅ ପୁଣି ବଳାଇ ସାଦରେ
"ଯିବି ନିଶ୍ଚେ ବାପ ପାଶ,
ମନ ତୋଷେ ମା ଗୋ ! ଦିଅ ଅନୁମତି
ଫେରିବି ନ ପୂରୁ ମାସ ।

ବାପ ସଙ୍ଗେ ତୁହିଁ ଦେଖିବୁ ସୁଯୋଗ୍ୟ
ଜାତିପୁଅ ଶତ ଶତ,
ଦେଖିବୁ କିପରି ଗଢ଼ା ହେଉଅଛି
ଧର୍ମଦେବତାଙ୍କ ରଥ ।

ଚନ୍ଦ୍ରଭାଗା ତୀର୍ଥେ ସ୍ନାନ କରି ସୁଖେ
ଦେଖିବୁ ସୂର୍ଯ୍ୟ-ଉଦୟ,
କର ନାହିଁ ଭୟ କହ ମା, ବାପାଙ୍କୁ
ଦେବି ମୁଁ କି ପରିଚୟ ?”

କହନ୍ତି ମା, “ବାବୁ, ଯିବା ଲାଗି ଯେବେ
କରିଅଛୁ ଦୃଢ଼ପଣ,
କିମ୍ପା ନିବାରିବି, ନିବାରଣେ ସିନା
ହେବ ତୋ ମନେ କଷଣ ।

ଦେଖି ବାପ ତତେ ହେବେ ହରଷିତ
ହୃଦେ, ତୁ ଯିବୁ ପରତେ,
ଦେଖିବୁ ଆବର ଓଡ଼ିଆ-ଶିଳ୍ପୀର
ଅଦ୍ଭୁତ କର୍ମ ଜଗତେ ।

ବୟସରେ ତୁହି ହେଲେ ହେଁ ବାଳୁତ
ବୁଦ୍ଧି ତୋର ସୁକୁମାର;
ବୁଝାଇ ବିଶେଷେ କହିବି ମୁଁ କିସ ?
କର ଯାହା ତୋ ବିଚାର ।”

କହିଲେ ଆବର        ବାପ ନାମ ତାର
ଭୂମିରେ ସେ ଦେଇ ଲେଖି,
"ବାପ ପୁଅଙ୍କର        ହେବ ଚହ୍ନାଚହ୍ନି
ହେବା ମାତ୍ରେ ଦେଖାଦେଖି ।

ତୋ ରୂପ ଆକୃତି        ପିତୃ-ପ୍ରତିକୃତି
ଏକା ଛାଞ୍ଚେ ଯେହ୍ନେ ଢଳା,
ନେତ୍ରେ ନାସା ଆସ୍ୟ        ଲଲାଟେ ପ୍ରକାଶ
ବାପ-ମୁଖ ଷୋଳକଳା ।

ନୟନେ ନୟନ        ହେଲେ ଭେଟାଭେଟି
ହେବ ପରାଣ ମିଳନ,
ସେ ଯାହାନ୍ତେ ତାକୁ        ଲୋଡ଼େ ସେ ସହଜେ
କରିବାକୁ ଆଲିଙ୍ଗନ ।

ତଥାପି ନ ବଳେ        ମନ ତାଙ୍କ ଏକା
ଛାଡ଼ିବାକୁ ଏତେ ଦୂର"
"ନ ଡର ଲୋ ବୋଉ        ସଙ୍ଗେ ଯିବ ମୋର
ଘର ବଳିଆ କୁକୁର ।

ବଳିଆ ବାପାଙ୍କୁ        ନ ଚହ୍ନିଲେ ତାକୁ
ବାପା ଚହ୍ନିବେ ନିଶ୍ଚୟ,
ଗ୍ରାମ ନାମ ମୋର        ଜନମ-ବୃତ୍ତାନ୍ତ
କହିଦେବ ପରିଚୟ ।"

"ମରଯାଏ ଆହା        ମୋ ଧନମାଳୀର
କେଡ଼େ ବୁଦ୍ଧି କ ସାହସ !
ଜଗନ୍ନାଥେ କୃପା—        କଲେ ତୁ ରଖିବୁ
କୁଳ-ଗଉରବ ଯଶ ।"

( ୨ )

ତ୍ରୟୋଦଶୀ ତିଥି        ଶୁଭବେଳ ଦେଖି
ପୁଅ କଲା ଅନୁକୂଳ,
ଜାଗୁଲାଈ ପୂଜି        କାନରେ ଜନନୀ
ବାନ୍ଧିଲେ ପ୍ରସାଦ-ଫୁଲ ।

ସ୍ୱାମୀ ଲାଗି ପୁଣି        ବାଡ଼ି-ବରକୋଳି
ଦେଲେ ଯାଉଁଳରେ ବାନ୍ଧି,
କହିଲେ, "ଏଥିରେ        ବାପାଙ୍କ ଶରଧା
ନେବୁ ଯତନେ ସମ୍ଭାଳି ।

ବଳିଆ ସଙ୍ଗତେ        ବାଡ଼ି-ବରକୋଳି
ହେବ ଆନ ପରିଚୟ,
ଲକ୍ଷ୍ମୀ ନରସିଂହ        ଶ୍ରୀଦୁର୍ଗା ମାଧବ
ହୁଅନ୍ତୁ ତୋର ଆଶ୍ରୟ ।"

ବୀର ଧର୍ମପଦ        ମାତା ଆଶୀର୍ବାଦ
ଘେନ ହୋଇଲା ବାହାର,
ଯାଏ ପୂର୍ବ ମୁଖେ        ବଳଆ କୁକୁର
ଚାଲେ ପଛେ ପଛେ ତାର ।

ଅପନ୍ତରା ବାଟ        କେତେ ବେଣାପାଟ
ବନ ଝର ନଦୀ ସର,
ଚାଲେ ଧର୍ମପଦ        ନ ଗଣି ବିପଦ
ଦିବା ନିଶି ନିରନ୍ତର ।

ଗୁଡ଼ିକଙ୍କ ପଛେ        ଗୋଡ଼ାଏ ଉତ୍ସାହେ
ବଳଆ ଧାଏଁ ତା ପଛେ,
ଚନ୍ଦ୍ରଭାଗା-ଯାତ୍ରୀ        ଧର୍ମପଦ ବୋଲି
ଲେଖେ କାହିଁ ବାଟ ଗଚ୍ଛେ ।

ପଥର ପଥର        ଚନ୍ଦ୍ରଭାଗା ତୀର୍ଥେ
ହେବ ଯାଇଁ ପରବେଶ,
ଲଗିଛନ୍ତି ଯହିଁ        ବାରଶ ବଢ଼ାଇ
ବିଶ୍ରାମ ନାହିଁ ନିମେଷ ।

ଦିନ ରାତି ଯହିଁ        ଜଣା ନ ପଡ଼ଇ
ମୁଖରିତ ନିରନ୍ତର,
ଭୋଜନ ଶୟନ        ଛାଡ଼ି ଲଗିଛନ୍ତି
ପ୍ରାଣପଣେ କାରିଗର ।

( ୩ )

ବାର ବରଷର ସରଳ ବାଳକ
ସେ ଅଚହ୍ନା ସ୍ଥାନେ ଏକା,
ଚକଡେ ଚୌଦିଗେ ଅନାଇଁ ଚମ୍ଭିତ
ବାପର ନ ପାଇ ଦେଖା ।

ବସୁରେ, "କାହାକୁ ପଚାରିବ ଏଥି
କିଏ ବା ଦେବ ଉତ୍ତର,
ସର୍ବେ କର୍ମେ ରତ ଏକକୁ ଆରେକ
ଚାହିଁବାକୁ ନାହିଁ ତର ।"

ଅବସର ବୁଝି କୋଳି ବଣି ବ୍ୟାଜେ
ବୁଲେ ସେ ଜନଗହଳେ,
ରସାଳ ପୃଥୁଳ ସେ ବଦର ଫଳ
ଯେ ଦେଖେ ତା ମନ ବଳେ ।

ଜଣେ କେହ୍ନି ଶିଳ୍ପୀ ଘର କଥା ଭାବ
ମରମେ ଆହତ ଅତି,
କହେ, "ମୋ ବାଡ଼ିରେ ଫଳୁଥିବ ଆହା !
କେତେ କୋଳି ଏହି ମତି ।"

ଖୋଳବଙ୍କା ପିଲା— ମୁହଁକୁ ଅନାଇଁ
କହି ନ ପାରଇ କିଛି,
ନ ଜାଣେ ଅପୂର୍ବ ବାତ୍ସଲ୍ୟ-ମମତା
କପାଁ ହୃଦେ ଉଛୁଳଇ ।

ବାଳକ ବଚନ ଶୁଣି କୁତୂହଳେ
ପୁଲକେ ପୂରେ ପରାଣ,
କୁକୁରକୁ ଦେଖି ଅନ୍ତର ଇଙ୍ଗିତେ
କରେ ସେ ସତ୍ୟ ପ୍ରମାଣ ।

ଗ୍ରାମ ନାମ ଆଦି ପଚାରି ପାଇଲା
ଯେବେ ପୂର୍ବ-ପରିଚୟ,
ବାଳକ-ବଦନ ଚୁମ୍ବିଲା ସେନେହେ,
ଚରଣେ ନମେ ତନୟ ।

ବାପ ପୁଅ ବେନି ଗଲେ ବସାଘରେ
ପକାଇଲେ କେତେ କଥା,
କହେ ଶିଳ୍ପୀ, “ବେଗେ ଯାଉଛି କାମକୁ
ନ ଗଲେ ନ ରହେ ମଥା ।”

‘କିପାଁ ଏ ଉଦ୍‌ବେଗ ?’ ପାଇ ମନେ-କ୍ଷୋଭ
ପଚାରେ କାତରେ ପୁଅ,
ବୃଦ୍ଧ ଶିଳ୍ପୀ ମୁଖେ ବଚନ ନ ଫୁଟେ
ନୟନୁଁ ବହଇ ଲୁହ ।

କ୍ଷଣକ ଅନ୍ତରେ କହେ ବୃଦ୍ଧ ପୁଣି
"ଥିଲା ମୋ ପୂର୍ବ ସୁକୃତ,
ଅନ୍ତକାଳେ ତୋତେ ଦେଖି ଏଥି ବାବୁ
ହେଲି ଏବେ କୃତକୃତ୍ୟ ।

ବାର ବର୍ଷ ହେଲା ଲାଗିଲାଣି କାମ
ମୂଦା ନ ହେଲା ଦେଉଳ,
କାଳ-ଅତିକ୍ରମେ ରାଜା ନରସିଂହ
ଦାରୁଣ ଦୁଃଖେ ଆକୁଳ ।

ଦୁଇ ଦିନ ମଧ୍ୟେ ପୂରିବ ଦେଉଳ
ନ ରହିବ କିଛି ଶେଷ,
'ନ ହେଲେ କାଟିବି ବଢ଼ାଇଙ୍କ ମୁଣ୍ଡ'
ହୋଇଛି ରାଜା ଆଦେଶ ।

ଦୁଇ ଦିନୁଁ ଦିନେ ହେଲାଣି ଅତୀତ
ଆଜ କାଲି ଦିନ ବାକି,
ନିରାଶ୍ରେ କାତର ସର୍ବେ କାରିଗର
କାମକୁ ନ ପାଏ ଆଖି ।

ନିଘା-ଗର୍ଭେ ହେଲା ଦେଉଳ ପତନ
ରହିଲା ତହିଁ କ ଦୋଷ,
କେଜାଣି କାହାର ଅପରାଧେ ଅବା
ଗ୍ରହରାଜ କଲେ ରୋଷ !

କଲେ ଯେତେ ଯତ୍ନ — ନ ପୂରେ ଦେଉଳ
ନ ବସେ ଦଧି-ନଉତି,
ଉପାୟ ନ ଦେଖି — କାରିଗରଙ୍କର
ହଜିଲାଣି ବୁଦ୍ଧି ବୃତ୍ତି ।

ପ୍ରଭୁଙ୍କ ଆଦେଶ— ମନ୍ଦିର-ମୁକୁଟେ
ହେବ ଚୁମ୍ବକ ଖଚିତ,
ପ୍ରଭାତେ ଯାହାର — ମହୋଦଧି-ବକ୍ଷେ
ନ ଯିବ ଶତ୍ରୁ-ବୋଇତ ।

ବାରଶ ବଢ଼ାଇ — ଏକୁଁ ଏକ ସର୍ବେ
ଶିଳ୍ପବିଦ୍ୟା-ବିଶାରଦ,
ଗଢ଼ିଛନ୍ତି କେତେ — ଦେଉଳ ଅଟାଳି
ସେତୁ ଦୁର୍ଗ ଜନପଦ ।

ଯେଉଁ ବୁଦ୍ଧି ବଳେ — ଗଢ଼ନ୍ତି ପଥର
ଖୋଦି ସବୁ ପଟେ ଝଳେ,
ଦେଉଳ ମୁଦିବା — ବୁଦ୍ଧି ନ ଦିଶଇ
ମରନ୍ତି ଏବେ ସକଳେ ।

ଆଜ ନିଶି ଶେଷେ — କାଲି ପ୍ରଭାତରେ
ହୋଇବ ରବି-ଉଦୟ,
ଘର ଧନ ରତ୍ନ — ଲୁଣ୍ଠିଣ ଦେଖିବେ
ବାରଶ ବଢ଼ାଇ କ୍ଷୟ ।

ଆଜ ସଞ୍ଜବେଳେ କରିବେ ବିଗ୍ରହ
ବସି ସବୁ କାରିଗର,
ଯାଉଛି ମୁଁ ତେଣେ, ରହି ଏଥି ବାବୁ,
ନିଶ୍ଚିନ୍ତେ ବିଶ୍ରାମ କର ।"

ବାପର ବିଷାଦ ଦେଖି ଧର୍ମପଦ
ଆଶ୍ଚର୍ଯ୍ୟ କହଇ ବାଣୀ—
"ସତେ ନରସିଂହ ମହାରାଜ ଦେବ
କାରଣ ବଢ଼ାଇ ହାଣି ?

ଉତ୍କଳର ଶିଳ୍ପି— କୁଳ-ସୁପ୍ରସିଦ୍ଧ
ଦକ୍ଷ କାରିଗରଗଣ,
ମିଳିଛନ୍ତି ଯହିଁ, ସେ କାର୍ଯ୍ୟ କି କେବେ
ରହିପାରେ ଅପୂରଣ ?

ନ ଥିଲେ ଆପତ୍ତି ଦିଅ ଅନୁମତି
ସଭାସ୍ଥଳେ ଯିବା ପାଇଁ,
ଶିଳ୍ପ-ଗୂଢ଼ ପ୍ରଶ୍ନ ଶୁଣିବି, ଦେଖିବି
କାରିଗର ଜାଣି ଥାଇ ।"

ବାପ ମୁଅ ବେନି ତତକ୍ଷଣେ ତହୁଁ
ଚଳିଗଲେ ସଭାସ୍ଥଳେ,
କଲେ ତର୍କ ଯୁକ୍ତି ଉକ୍ତି ପ୍ରତିଉକ୍ତି
ଯେଝା ବୁଦ୍ଧି କଉଶଳେ ।

ରଥ ଦେବାଳୟ— ଗଠନ-ନିର୍ଣ୍ଣୟ
ଚୁମ୍ବକର ତତ୍ତ୍ୱମାନ,
ବୃଦ୍ଧ ଶିଳ୍ପିଗଣେ କଲେ ଆଲୋଚନା
ଦେଖାଇ ଶାସ୍ତ୍ର-ପ୍ରମାଣ ।

ରାତ୍ରି ଅଧଯାଏ ଚାଲିଲା ବିଚାର
ନ ହେଲା କିଛି ମୀମାଂସା,
ଉପାୟ ନ ପାଇ କାରଣ ବଢ଼େଇ
ଛାଡ଼ିଲେ ପରାଣ ଆଶା ।

ଯୋଡ଼ି କର ବେନି ସବିନୟ ବାଣୀ
କହେ ଶେଷେ ଧର୍ମପଦ—
"ନୀଳାଚଳେ ଯେବେ ସତ୍ୟ ଜଗନ୍ନାଥ,
ନ ହେବ କିଛି ଆପଦ ।

ଏକାମ୍ର-କାନନେ ସତ୍ୟେ ପ୍ରତିଷ୍ଠିତ
ଯେବେ ପ୍ରଭୁ ଲିଙ୍ଗରାଜ,
ନ ସହିବ କେବେ ନିନ୍ଦା ଅପଖ୍ୟାତି
ଉତ୍କଳ-ଶିଳ୍ପି-ସମାଜ ।

ଯାଗାନଳୁଁ ଯେବେ ସତ୍ୟ ବେଦମନ୍ତ୍ରେ
ଉଠିଥିବେ ବିରଜାଈ,
ମୁଣ୍ଡ କଟା ହୋଇ ନ ମରିବେ ଏଥି
କେବେ କାରଣ ବଢ଼ାଇ ।

ଧ୍ରୁବ ପ୍ରହ୍ଲାଦ    ପୁରାଣ ପ୍ରବାଦ
କବି-କଳ୍ପନା ନ କହ,
କାଳେ କାଳେ ଶିଶୁ    ଅସାଧ୍ୟ ସାଧିବ
ହେଲେ ପ୍ରଭୁ ଅନୁଗ୍ରହ ।

ଶୁଣିଛ ତ ସର୍ବେ    ଅଭିମନ୍ୟୁ କଥା
ବୀର-ବାଳକ-ବିକ୍ରମ,
ଶୁଣିଛ ଜନମୁଁ    ଥିଲେ ଶୁକଦେବ
ବ୍ରହ୍ମଜ୍ଞାନୀ ଅନୁପମ ।

ଶିଶୁ ବଢ଼ି କ୍ରମେ    ହୁଏ ଯୁବା ବୃଦ୍ଧ
ଚତୁର ପ୍ରବୀଣ ନର,
ପ୍ରଭାତ ଅରୁଣେ    ଲୁଚି ରହିଥାଏ
ମଧ୍ୟାହ୍ନ ତେଜ ପ୍ରଖର ।

କାଲି ଦିନ ରାତି    ରହିଅଛି ବାକି
ବସୁରବୁ ନାହିଁ କାଲି,
ଯାହା କରିବାର    ସ୍ଥିର କର ଏବେ
ଆଉ ଅଧିକ ନ ଭାଳ ।

ଦଇବ ବିଧାନେ    ଏ ବାଳକ ଏଥି
ଯଥାକାଳେ ଉପଗତ,
ଛାଡ଼ିଦେବା ଏହା    ହାତେ ବାକି କାର୍ଯ୍ୟ
କର ସର୍ବେ ଏହି ମତ ।"

ଏହିପରି ବହୁ ବୃଥାର ଶେଷରେ
ସ୍ଥିର କଲେ ଶିଳ୍ପିଗଣ,
କରନ୍ତୁ ବାଳକ କାଲି ଢଦାଭାରେ
ଆରେ ମନ୍ଦିର ଖଞ୍ଜଣ ।

କାଲି ସନ୍ଧ୍ୟାଯାଏ ଲାଗିବା ସରବେ
କାମ ନ ହେଲେ ପୂରଣ,
ସ୍ଵମର୍ପି ଦେଉଳ ବାର ଶତ ଶିର
ବାଳକେ ଯିବା ଶରଣ ।

ବାଳକେ ସରବେ କଲେ ଧନ୍ୟ ଧନ୍ୟ
ଭାଙ୍ଗିଲା ସଭା ସେ କ୍ଷଣ,
ବାରଣ ବଢ଼ାଇ ଲାଗିଲେ କାମରେ
ନଶାସେ ମୁଖ ମଳିନ ।

( ୪ )

ତହିଁ ଆରଦିନ ଧର୍ମପଦ ଦେଖେ
ଦେଉଳ ଗଠନ ସ୍ଥିତି,
ପରଖେ ପତନ ପୀଢ଼ ଖମ୍ବ କୋଣ
ଆଦ୍ୟ ପ୍ରାନ୍ତ ଅବସ୍ଥିତ ।

ବାରଣ ବଢ଼ାଇ ଲଗିଛନ୍ତି କାମେ
କରି ପ୍ରାଣ ପ୍ରାୟଶ୍ଚିତ୍ତ,
ଚାହୁଁ ଚାହୁଁ ଦିନ ହେଲା ଅବସାନ
ରବି ହେଲେ ଅସ୍ତମିତ ।

ନ ସରିଲା କାମ ନ ଦିଶଇ ଆଶା
ରାତି ମଧ୍ୟେ ପୂରିବାର,
ବାରଣ ବଢ଼ାଇ ମୁଣ୍ଡେ ହାତ ଦେଇ
ବସିଲେ ତେଜି ଆହାର ।

କହେ ଧର୍ମପଦ, "ଆଜ୍ଞା ହେଲେ ମତେ
କାମେ ଦେବି ଏବେ ହାତ,
ପ୍ରଭୁ ଦୟା କଲେ ପୂରିବ ଦେଉଳ
ନ ହେଉଁ କାଲି ପ୍ରଭାତ ।"

ବାରଣ ବଢ଼ାଇ କଲେ ଧନ୍ୟ ଧନ୍ୟ
ଦେଲେ ସର୍ବେ ଆଶୀର୍ବାଦ,
"ଯାଅ ବାବୁ ଯାଅ ବିଳମ୍ବ ନ କର"
କହି କଲେ ଉଚ୍ଚ ନାଦ ।

"ରହୁ କୁଳମାନ ପୂରୁ ନରସିଂହ-
ନୃପତି ମନ କାମନା,
ବାର ବରଷର ବଢ଼ାଇ ପୁଅର
ହେଉ ଜାରତି ଘୋଷଣା ।"

( ୪ )

ଆରମ୍ଭିଲା କାମ ଦେଉଳ ଶିଖରେ
ଏକ ଲକ୍ଷ୍ୟେ ଧର୍ମପଦ,
ଆଶାର ଆନନ୍ଦେ କାରିଗରେ ଏଣେ
ଆଶଙ୍କା କଲେ ଆପଦ ।

ବାଳକ କରଣୀ ନିଶ୍ଚେ ଯିବେ ଜାଣି
ନରସିଂହ ଗଜପତି,
ଏ ବାଳକ ମୁଣ୍ଡେ ବନ୍ଧା ହେବ ଶାନ୍ତି
ଘଟିବ ଆମ ବିପତ୍ତି ।

ଯଥା ସମୟରେ ପୂରିବ ଦେଉଳ
ଏହି ମାତ୍ର ଆଶ୍ୱାସନା,
ମରଣ-ଭୟରେ ସବୁ କାରିଗରେ
କରନ୍ତି ନାନା ଭାବନା ।

ବସି ଏକଠାଇଁ କାରଣ ବଢ଼ାଇ
ଆତଙ୍କେ କାଟନ୍ତି ନିଶି;
ଏହି ସମୟରେ ପୂରିଲା ଦେଉଳ,
ଅଗ୍ର-କୁମ୍ଭ ଗଲା ବସି ।

ହରଷ-ବଷାଦେ ଘୁଞ୍ଚିଲେ ସକଳେ
ନିରେଖି ଦେଉଳ ଚୂଳେ,
ରାତି ଆଉଁ ଆଉଁ ଉହ୍ଲାଇ ମିଳିଲା
ଧର୍ମପଦ ତାଙ୍କ ଭୁଲେ ।

( ୭ )

ଦେଖି କାରଗରେ          କରନ୍ତି ପ୍ରଶଂସା
ନାହିଁ କାହା ମନେ ସୁଖ,
ପଚ୍ଛରେ ବାଳକ,          "କିପାଇଁ ଦଶନ୍ତି
ଆପଣ ସର୍ବେ ବିମୁଖ ?

ଦରବିକସିତ          କମଳ ସରସେ
କିପାଁ ତୁମ ବଜ୍ରପାତ ?
ଉଲ୍ଲସିତ ପ୍ରାଣେ          କାହିଁକି କାରଣେ
ଅକସ୍ମାତେ କଷାଘାତ ?"

ଜଣେ ବୃଦ୍ଧ ଶିଳ୍ପୀ          କହନ୍ତି ନରେଖି
ସମସ୍ତଙ୍କ ମନକଥା—
"ଚୂରିଲା ଦେଉଳ,          ହେବ ତୁମ ଯଶ
ନ ରହିବ ଆମ ମଥା ।"

ନ ଶୁଣୁ ଅଧିକ          କହଇ ବାଳକ
"ମୋର ସେ ଯଶେ କି ଫଳ ?
ଯେବେ ଶିଳ୍ପିକୁଳ          ବାର ଶତ ଫୁଲ
ଝାଉଁଳି ପଡ଼ିବେ ତଳ ।

ମୁଁ ଶିଳ୍ପିକୁଳର ଅଧମ ତନୟ
ଜାତିଭାଇଙ୍କ କଙ୍କର,
ଦେଉଳ ପୂରଣେ ନାହିଁ ମୋ କରଣୀ
ସେସବୁ କାର୍ଯ୍ୟ ତୁମ୍ଭର ।

ଜାତିଭାଇଙ୍କର ଆଦେଶେ ପିତା ମୁଁ
କଲି କାର୍ଯ୍ୟ ସମ୍ପାଦନ,
ଜାତିପୁଅଙ୍କର ମୁଣ୍ଡ ଗଲେ, ମୋର
ଜୀବନେ କି ପ୍ରୟୋଜନ ?

ବାରଶ ବଢ଼ାଇ ମୋର ଜାତିଭାଇ
ଜାଣ ଏ କଥା ନିଶ୍ଚୟ,
ଯାହା ହେବ ହେବ କେବେ ନ ଘଟିବ
ତୁମ୍ଭ ଜୀବନ-ସଂଶୟ,

କେହି ନ ଜାଣନ୍ତି ମୋ ନାମ ଏଠାରେ
ନ ଜାଣିବେ କେହି ତାହା,
ନ ହେଉଁ ଆଜ ଏ ରଜନୀ ପ୍ରଭାତ
ଦେଖିବ ମୁଁ ନିଜ ରାହା ।

ରାତିକେ ଦେଉଳ ପୂରିଲା ଯେପରି
ନ ହେବ ଲୋକେ ପ୍ରକଟ,
ନ ଜାଣିଲେ ରାଜା କି ଅବା ପ୍ରଧାନ
ପଡ଼ିବ କପାଁ ସଙ୍କଟ ?

ପନ୍ଥରେ ମାତର          ଅଛି ଆଉ ରାତି
ଯାଅ ବାପେ ଶୁଅ କ୍ଷଣେ,
ହେଉଛି ବିଦାୟ          ଦଣ୍ଡବତ କର
କାନ୍ତିଭାଇଙ୍କ ଚରଣେ ।"

( ୭ )

ସେ ଯାହା କୁଟୀରେ          ଗଲେ କାରିଗରେ
ବାପ ସଙ୍ଗେ ଧର୍ମପଦ,
କହେ ପୁଅ, "ଏବେ          ପୁଚ୍ଛିବି କଥାଏ
ମନେ ନ ଗଣ ଆପଦ ।

କହିବ ତୁରିତେ          ପୁଅରେ ବାପୁ କି
ବାରଣ କଢ଼ାଇ ଦାୟ,
ଏ ବିଷୟରେ ହେବ          ବାରଣ ବଢ଼ାଇ—
ପ୍ରାଣ-ଉଦ୍ଧାର-ଉପାୟ ।"

ବାପ ମନେ ଭାଳିଲେ          କେତେ ପାପ ଚିନ୍ତା
ମୁଖେ ଉତ୍ତର ନ ଆସେ,
ଉଭୟ ସଙ୍କଟେ          ପଡ଼ି ଯଥା ନର
ଯାଏ ନାହିଁ କେଉଁ ପାଶେ ।

ବାପର ବିଷାଦ    ଦେଖି ଧର୍ମପଦ
କହେ ସୁକୋମଳ ଭାଷା,
"ବାରଣ ବଢ଼ାଇ    ରହନ୍ତୁ ଜୀବନେ
ଛାଡ଼ି ଏବେ ମୋର ଆଶା ।
ଏ ଜଗତେ କାହା    ପୁଅ ବା କାହାର,
ସମସ୍ତ ମାୟା ଭିଆଣ;
ସାର୍ଥକ ଜନମ    ତାର ଏକା ସିନା
ପର ହିତେ ଯାର ପ୍ରାଣ ।

କହିଛନ୍ତି ମୁନି—    'କୁଳରକ୍ଷା ପୁଣ
ହେବ ଯେବେ ପ୍ରୟୋଜନ,
ତେଜିବ ଜଣକୁ    ହେଲେ ହେଉ ପଛେ
ସେ ଯେତେ ସ୍ନେହଭାଜନ ।

ନ ହୋଇ ବ୍ୟାକୁଳ    ଗ୍ରାମହିତେ କୁଳ
ବରଜନ୍ତି ସାଧୁଜନ,
ଦେଶହିତେ ଗ୍ରାମ,    ଜଗତ କଲ୍ୟାଣେ
କର ଦେଶ ବିସର୍ଜନ ।'

ବାରଣ ବଢାଇ    ଆମ ଜାତିଭାଇ
ଶିଳ୍ପିକୁଳ-ଗଳାହାର,
ପାଆନ୍ତୁ ଜୀବନ,    ମୋ ଜଣକ ଲାଗି
ମନେ କିଛି ନ ବିଚାର ।

ତେଜ ମୋ ମମତା,          ହେବ ନାହିଁ ବାପା
ଦେଖା ଆଉ ଏ ଜୀବନେ,
ଦିଅ ଅନୁମତି          କର ଆଶୀର୍ବାଦ
ବିଦା ହେବି ଏହି କ୍ଷଣେ ।"

କହେ ବୁଦ୍ଧ, "ବାବୁ,          ବାର ବର୍ଷ ହେଲା
ଛାଡ଼ି ଆସିଅଛି ଘର,
ତେତେବେଳେ ତୁହି          ହୋଇଥିଲୁ ମାତୃ—
ଗର୍ଭରେ ଚାରି ମାସର ।

ପୁଅ କିବା ଝିଅ          ହେଲା କି ଅପତ୍ୟ
କିପାଁ ଗର୍ଭ ଗଲା ନାଶ,
ଭାବିବାକୁ ମତେ          କେବେହେଲେ ଦଣ୍ଡେ
ମିଳିନାହିଁ ଅବକାଶ ।

କି ଯୋଗରେ ବାବୁ          ପହଞ୍ଚିଲୁ ଆସି
କଲୁ ଅସାଧ୍ୟ ସାଧନ,
ଏପରି ସୁଯୋଗ୍ୟ          ପୁଅ ପାଏ କରେ
ଅଳପ ଭାଗ୍ୟରେ ଜନ !

ବିଜୁଳି ପରାୟେ          ଝଟକି ନମିଷେ
ଏବେ ଲୁଚିଯିବୁ କାହିଁ ?
ଏଡ଼େ ଭାଗ୍ୟର କି          ଏହି ପରିଣାମ
ଏହା କି ମୁଁ ଥିଲି ଚାହିଁ ?

କେଉଁ ଜନ୍ମେ କାହା ଖାଇବା ପତରେ
ପକାଇଥିଲି ମୁଁ ଧୂଳି,
କାହା ଅଞ୍ଜଳିରୁ ଧନ ହରି ନେଇ
ଦେଲି ତା ହାତେ ଶାଙ୍କୁଳି !

ଅପାର ପାତକେ ପୂରି ରହିଅଛି
ମୋ ପ୍ରାରବ୍ଧ କର୍ମବନ୍ଧ,
ପଲକେ ମୋ ପଥ ଉଜଳି ନୋହିଲେ
କପାଁ ଯିବୁ କରି ଅନ୍ଧ ?

ବାରଣ ବଢ଼ାଇ ଆମ ଜାତିଭାଇ
ନୁହନ୍ତି ମୋ ପ୍ରୟୋଜନ,
କୁଳ-ଗଉରବ ସଦା ରହିଥିବ
ଥିଲେ ତୋ ପରି ନନ୍ଦନ ।

ଯାର ଗୁଣରାଶି ଜଗତେ ପ୍ରକାଶି
ରଖେ ଜାତିକୁଳ ମାନ,
ସେପରି ଗୋଟିକ ସଙ୍ଗତେ ନୁହନ୍ତି
ଆନ କୋଟିଏ ସମାନ ।"

ତହୁଁ ପୁଅ ବେଗେ ବୋଲେ ଉଦବେଗେ
"ଅଧିକ ନ କହ ଆଉ,
ହେଉଛି ଉଛୁର ଯିବ ଏଠା ଗୁଡ଼
ଏବେ ରାତି ଥାଉଁ ଥାଉଁ ।"

"କାହିଁ ଯିବୁ ବାବୁ   ଫେଡ଼ି କହ ସବୁ
ରହିବୁ ଟିକ ପରାଣେ ?
ବଞ୍ଚି ରହିଥିଲେ   କେବେହେଲେ ଦେଖା
କାହିଁ ହେବ କଏ ଜାଣେ !"

କହେ ପୁଅ, "ବାପ,   ଜୀବନ-ମରଣ
ଲାଗିଅଛି ଅନୁକ୍ଷଣ,
ଜନମ ହୋଇଲେ   ଆଗେ ଅବା ପଛେ
ଅବଶ୍ୟ ହେବ ମରଣ ।

କାପୁରୁଷ ପରି   ମରିବା ଜଗତେ
ନୁହେ ନର-ପଉରୁଷ,
ପରହିତ ସାଧି   ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।

ମାନବ-ଜୀବନ   ନୁହଇ କେବଳ
ବର୍ଷ-ମାସ-ଦିନ-ଦଣ୍ଡ,
କର୍ମେ ଜୀଏଁ ନର,   କର୍ମ ଏକା ତାର
ଜୀବନର ମାନଦଣ୍ଡ ।

ମୁହୂର୍ତ୍ତେ ମାତର   ଉଜ୍ଜ୍ୱଳ ପ୍ରଖର
ଶିଖା ଟେକି ହୁତାଶନ
ଜଳି ଯେବେ କରେ   ଆଲୋକ ଉତ୍ତାପ
ଚଉଦିଗେ ବିତରଣ;

ଲଭୁ ସେ କ୍ଷଣକେ    ତଥାପି ଏ ଲୋକେ
ରହେ ତା'ଆଦର ଯଶ;
କି ଲୋଡ଼ା ତହିଁରେ    ରହେ ଯେ ମହୀରେ
କୁହୁଳି ସହସ୍ର ବର୍ଷ ?

କହୁଛି ନିଶ୍ଚୟ    ଏ ଜୀବନେ ଆଉ
ହେବ ନାହିଁ ଯେବେ ଦେଖା,
ଜୀଇଁବା ମରିବା    କିପାଇଁ ପଚାର
ସେ ଦୁଇ କଥା ତ ଏକା ।

ଏ ମୋ ବଡ଼ ଭାଗ୍ୟ    ଘଟିଲା ସୁଯୋଗ
ମିଳି ଏଥି ଯଥା ବେଳେ,
ମୁଦିଲି ଦେଉଳ    କଣ୍ଠେ ଶିଳ୍ପତନ୍ତ୍ରେ
ଶିଖିଲି ଯା ଶିଶୁ-ଖେଳେ ।

ବାରଣ ବଢ଼ାଇ    ମୋର ଜାତିଭାଇ
ସହି ନିନ୍ଦା ଅପମାନ
ମଲେ ଯେବେ ଏଥି,    କି ସୁଖ ମୋହର
କରି ମନ୍ଦିର ନିର୍ମାଣ ?
ବାରଣ ବଢ଼ାଇ—    ରକତ-ରଞ୍ଜିତ
ଯଶ-ସମ୍ମାନ-ଧନ,
ପାଇ ରାଜଦ୍ୱାରେ    କହ କି ପ୍ରକାରେ
ବଢ଼ିବ ମୋ ବଡ଼ପଣ ?

ଶାଢ଼ୀ ବାନ୍ଧ ମୁଣ୍ଡେ    ଯିବ ରାଜଦାଣ୍ଡେ
ଦେଖି ଜାତି-କୁଳ-ନାଶ,
କି ରଙ୍ଗେ ଚିତ୍ରିବ    ଏ ଜଘନ୍ୟ ଛବି
ଭବିଷ୍ୟତ ଇତିହାସ !

ଦେଉଳ ଅମୁଦା    ରହୁ ମରିଥାନ୍ତେ
ଯେବେ ସବୁ କାରିଗରେ,
ମୋ କର୍ମ-କୌଶଳେ    ଲଜ୍ଜା ଅପମାନ
ନ ଆନ୍ତା ତାଙ୍କ ମୁଖରେ ।

ଉତ୍କଳର ଶିଳ୍ପି—    କୁଳ ଇତିହାସେ
ନ ରହୁ ଏ କଳାଦାଗ,
ତେଣୁ ସ୍ୱଚ୍ଛମନେ    ଏ ଜୀବନ ଲାଗି
କର ବାପା ମୋତେ ତ୍ୟାଗ ।

"ଛଞ୍ଚାଣ-କପୋତ"—    ଅଦ୍ଭୁତ ଚରିତ
ଶୁଣିଛ ମହାଭାରତେ,
ପରାଣ ବିକଳେ    କପୋତ ବ୍ୟାକୁଳେ
ମିଳିଲା ଶିବି-ପୁରତେ ।

କାଶୀ-ନରପତି    କପୋତ-ବିପତ୍ତି
ଦେଖି ପାଇଲେ କଷଣ,
ଯେବେ ଯଜ୍ଞାଗାରେ    ଉଡ଼ିଣ ଆତୁରେ
ପଶିଲା ପକ୍ଷୀ ଶରଣ ।

ଯାଚକ-ଯାଚଞ୍ଚା ନ କଲେ ପୂରଣ
ଯଜ୍ଞଫଳ ଯାଏ ନାଶ,
ସଞ୍ଚାଣ ବଧିଲେ ହିଂସା ମହାପାପ
ଆବର କରିବ ଗ୍ରାସ ।

ଉଭୟ ସଂକଟେ ନ ଦେଖି ଉପାୟ
ଶିବି ରାଜା ମହାମତି,
ଶ୍ୟେନ ପକ୍ଷୀ ମଧ୍ୟେ ଉଭା ହୋଇ ସଧେ
ସଞ୍ଚାଣେ କଲେ ବିନତି—

'ଦେଖ ପକ୍ଷିରାଜ, ଯାହା ଇଚ୍ଛା ମାଗ
ରଖ କପୋତ ଜୀବନ';
କହଇ ସଞ୍ଚାଣ, 'ଲୋଡ଼ା ନାହିଁ ଧନ,
ମୁଁ ଯେ କ୍ଷୁଧା-ଅବସନ୍ନ ।

କପୋତ ଉଦ୍ଧାରେ ଉଦାର ଅନ୍ତରେ
କର ଯେବେ ଅଭିଳାଷ,
ନିଜ ଅଙ୍ଗୁ କାଟି ତୁଳିଦିଅ ମୋତେ
କପୋତ ସମାନ ମାଂସ ।'

ହରଷେ ନୃପତି ଦେଖାଇଣ ଧୃତି
କାଟିଦେଲେ ମାଂସ ଖଣ୍ଡେ,
ପରିମାଣେ ମାଂସ କପୋତ ସମାନ
ହେଲା ନାହିଁ ତୁଳାଦଣ୍ଡେ ।

ଆଉ ଖଣ୍ଡେ ପୁଣି  କାଟିଲେ ନୃମଣି
ସମ ନୋହିଲା ନକତି,
ଖଣ୍ଡେ ଖଣ୍ଡେ କ୍ରମେ  କଲିଜା କାଟିଲେ
କପୋତେ ପ୍ରକାଶି ପ୍ରୀତି ।

ନୃପ-ଦୟାପଣ  ଦେଖି ସେ ସଞ୍ଚାଣ
କଲା ଶେଷେ ଜୟନାଦ,
ଛେଜିଲା କପୋତେ  ଗଲା ନିଜ ପୁରେ
ଦେଇ ଦିବ୍ୟ ଆଶୀର୍ବାଦ ।

କପୋତର ହିତେ  ଶିବି ଶୁଦ୍ଧଚିତ୍ତେ
କରି ଏ ଆତ୍ମ ଉତ୍ସର୍ଗ,
ଇହ ପରଲୋକେ  ଲଭିଲେ ଅକ୍ଷୟ
ଧର୍ମ ଆଦି ଚତୁର୍ବର୍ଗ ।

ଏ ଜଗତ ବାପ,  ମହାମଖଶାଳ,
ନରନାରୀ ଯଜମାନ;
ସେହି କୃତୀ, ଯେହୁ  ପରହିତେ କରେ
ଜୀବନ ଆହୁତି ଦାନ ।

ଭୁବନ-ବିଦିତ  ଦଧୀଚି-ଚରିତ
ପୁରାଣେ ତ ଅଛ ଶୁଣି,
କହି ସ୍ୱସ୍ତି ସ୍ୱସ୍ତି  ଦେଲେ ନିଜ ଅସ୍ଥି
ବିଶ୍ୱହିତେ ମହାମୁନି ।

ପରହିତେ ପ୍ରାଣ                ଉତ୍ସର୍ଗି ପୂର୍ବେ
କେତେ କେତେ ମହାଜନ,
ଲଭିଛନ୍ତି ତ୍ୟାଗେ                ପରାଣ-ପୂର୍ଣ୍ଣତା
ମରଣେ ନିତ୍ୟ ଜୀବନ ।

କୋରକିତ ପ୍ରାଣ                ଫୁଟେ ପ୍ରେମ-ସରେ
ପବନେ ମିଶାଏ ବାସ,
ବିଶ୍ୱବ୍ୟାପୀ ରହି—                ଉଜ୍ଜ୍ୱଳ ଆଲୋକେ
ସ୍ଫୁରୁ ସ୍ନିଗ୍ଧ ମନ୍ଦହାସ ।

ବାରଣ ବଡ଼ାଇ                ରହିଛନ୍ତି ସେହିଁ
ଏବେ ତୁମ ମୁଖ ପ୍ରତି,
ପୁତ୍ର-ସ୍ନେହ-ମାୟା                ତୁଟାଇଲେ ତୁମ୍ଭେ
ଯିବେ ସକଳେ ବରତି ।

ବାରଣ ବଡ଼ାଇ                ମୁହଁକୁ ଅନାଇଁ
ମୋ ମମତା ଏବେ ଛାଡ଼,
ଜାଣ ଏ ଦେଉଳୁଁ                ଗଡ଼ ମରୁଛି ମୁଁ
ଭାଙ୍ଗି ମଥା ବୁକୁହାଡ଼ ।

ଗୃହଁ ଏ ଦେଉଳେ,                ଗୃହଁ ଜାତିକୁଳେ,
ଛାଡ଼ ମନୁ ବୃଥା କଷ୍ଟ,
ବର୍ବର ଜନମ                ପାଇନାହିଁ ମୁହିଁ
ହୋଇଅଛି ଗର୍ଭେ ନଷ୍ଟ ।

କରୁଛ ଭାବନା ନ ହେବ ମୋ ବିନା
ବଂଶ-ରକ୍ଷା ତୁମ୍ଭ ଅନ୍ତେ,
କର ହେ ବିଚାର କାହା ବଂଶ ଚିର
ରହିଛି ବା ଏ ଜଗତେ ?

କେତେ ମହାଜନ ଅସାଧ୍ୟ ସାଧନ
କରିଗଲେ କାଳବଳେ,
କାହିଁ ତାଙ୍କ ବଂଶ ? ଅଛି ମାତ୍ର ଯଶ
ଆଜଯାଏ ମହୀତଳେ ।

ଏକର ବିନାଶେ ଅନେକ ପ୍ରକାଶେ
ସୃଷ୍ଟିର ଏ ନିତ୍ୟ ବିଧି,
ଏକର ଯା କ୍ଷୟ ଅନେକ ଉଦୟ,
ଅନେକ ଏକର ସିଦ୍ଧି ।

ବଂଶ ପଛେ ଯାଉ ଜାତି ବୃଦ୍ଧି ପାଉ,
ସାଧ ଏ ଉଦାର ନୀତି,
କୋଣାର୍କ ଦେଉଳ ଗାଉ ଚିରକାଳ
ତୁମ୍ଭ ପୁଣ୍ୟ ତ୍ୟାଗ-ଗୀତି ।

ପରେ ଦୟାବନ୍ତ ସତ୍ୟ ରକ୍ଷା ପାଇଁ
ପୂର୍ବେ କେତେ କେତେ ଲୋକ,
କାଟିଛନ୍ତି ନିଜ ହାତେ ପୁଅମୁଣ୍ଡ
ମୁହ୍ୟ ତୁମ୍ଭେ ନ କର ଶୋକ ।

ବହ୍ନିତ କରମ . ମାନବ ଧରମ
ଶର ଶବେ ଯେହ୍ନ ସାଧେ,
ସେହ୍ନ ଧନୁର୍ଦ୍ଧର ଗ୍ରାମ ଗାରବର
ଭବାର୍ଣ୍ଣିବେ ସେତୁ ବାନ୍ଧେ ।

ଭ୍ରମର ମୋହର ଦେଖା ଦନକର,
କପାଁ ଏବେ ମାୟା ମୋହ ?
ତେଜ ମୋ ମମତା ଦେଖାଅ ଶାରତା
କର ନାହିଁ ଜାନ୍ତ-ଦ୍ରୋହ ।

କହ ମନ ସୁଖେ, 'ନାହିଁ ପୁଏ ଦାୟେ
କାରଣ ବଢ଼ାଇ ଦାୟ',
ଜଗତେ ଏ କଥା ରହୁ କାଳେ କାଳେ
ନେଉଛୁ ଏବେ ବଦାୟ ।
ପାହ୍ନ ଆସିଲଣି ଅନ୍ଧାର ରଜମା
ନର୍ମଳ ଦେଶ ମୋ ପଥ,
ଦଅ ଆଶୀର୍ବାଦ ଦେନ ଏ ଜୀବନେ
ଏହ୍ନ ଶେଷ ଦଣ୍ଡବତ ।"

( ୮ )

ଏତେ କହ୍ନ ପୁଅ ବାପ-ପଦରଜ
ନେଇ ଲଗାଇଲ ଶିରେ,
ବୃଦ୍ଧ ମୁଖେ କଛୁ ବଚନ ନ ଆସେ
ଗଣ୍ଡ ସିକ୍ତ ନେତ୍ର-ନୀରେ ।

ମୂକ ଆଶୀର୍ବାଦ    ଇଙ୍ଗିତେ ପ୍ରକାଶି
ସ୍ନେହେ ଚୁମ୍ବିଲା ବଦନ,
ଚାଲିଗଲା ପୁଅ    କ୍ଷଣେ ବୃଦ୍ଧ ତହିଁ
ହେଲା ଶୋକେ ଅଚେତନ ।

ଅରୁଣ-ଆରକ୍ତ-    ବରଣେ ରଞ୍ଜିତ
ଦିଶେ ପୂରବ ଆକାଶ,
ଫିଟିନାହିଁ ନିଶା—    ଅଙ୍ଗ କଳାଶାଢ଼ୀ
ଫୁଟି ନାହିଁ ଊଷାହାସ୍ୟ ।

ଚନ୍ଦ୍ରଭାଗା-ନୀରେ    ପାହାନ୍ତ ସମୀରେ
ଖେଳଇ ମୃଦୁ ତରଙ୍ଗ,
ଅଦୂର କାନନେ    ପହର ପ୍ରମାଣେ
ଗାଏ କୁମ୍ଭାଟୁଆ ଖଗ ।

ଏ ମୁହଁ ଅନ୍ଧାରେ    ବେଳେ ଧର୍ମପଦ
ଚାଲିଗଲା ଅତି ଧୀରେ,
ଚୂର-ପଥେ ଚଢ଼ି    ଉଠିଲା ଭୁଶରେ
ଦେଉଳ ଶିଖ ଉପରେ ।

( ୯ )

ଚୌଦିଗେ ବିସ୍ତୃତ    ସାଗର-ସୈକତ
ନିସ୍ତବ୍ଧ ବିଜନ ବେଳା,
ସମ୍ମୁଖେ ଅପାର    ନୀଳ ପାରାବାର
ତରଙ୍ଗ ଊର୍ମ୍ମି-ଖେଳା ।

ଊର୍ଦ୍ଧ୍ୱେ ସୁଶୋଭିତ    ତାରକା-ଖଚିତ
ଅନନ୍ତ ନୀଳ ଆକାଶେ,
ହେଲା ଶୁଦ୍ଧପ୍ରାଣେ    ଅପୂର୍ବ ଉଦାର
ମହାଭାବ ପରକାଶ ।

ଜଳ ସ୍ଥଳ ନଭ    ହେଲା ଏକ ଭାବ
ଲୋପିଗଲା ବିଚ୍ଛିନ୍ନତା,
ଅନନ୍ତ ଅଭେଦେ    ପରମ ନିର୍ବେଦେ
ବ୍ୟକ୍ତ ବିଶ୍ୱ-ମହାସତ୍ତା ।

କାନ୍ତୁତ ହୃଦୟ    ମିଶିଗଲା ସେହି
ମହା ଅନନ୍ତ ବିତାନେ,
ଅଜ ଭାବ ଭୁଲି    ମଣେ ଆପଣାକୁ
ଏକୀଭୂତ ବିଶ୍ୱପ୍ରାଣେ ।

ମୁହୂର୍ତ୍ତିକେ ପୁଣି    ସେ କ୍ଷୁଦ୍ର ହୃଦୟେ
ସଙ୍କୁଚିତ ବିଶ୍ୱସାର,
ଭିତର ବାହାର    କଲା ଏକାକାର
ଅମୃତ ସଙ୍ଗୀତଧାର ।

ହୋଇ ଏକ ଧ୍ୟାନ    ମିଳାଇଣ ତାନ
ବିଶ୍ୱ-ସଙ୍ଗୀତ-ଲହରେ,
ଗାଏ ଧର୍ମପଦ    ପରମ ଆନନ୍ଦେ
'ଜୟ ଜଗଦୀଶ ହରେ ।'

"ନମୋ ନିରଞ୍ଜନ ନିଖିଳ ନିଦାନ
ବ୍ୟାପ୍ତ ସର୍ବ ଚରାଚରେ,
ପ୍ରଭୁ ଦୟାମୟ ମଙ୍ଗଳ-ଆଳୟ
ଜୟ ଜଗଦୀଶ ହରେ ।

ନମୋ ନିରାକାର ସର୍ବ ବିଶ୍ୱାଧାର
ବ୍ୟକ୍ତ ବାହ୍ୟ ଅଭ୍ୟନ୍ତରେ,
ପ୍ରଭୁ ବିଶ୍ୱପତି ଅଗତିର ଗତି
ଜୟ ଜଗଦୀଶ ହରେ ।

ଧରି ତୁମ୍ଭ ବଳ ବହଇ ଅନିଳ
ଅନ୍ତରୀକ୍ଷେ ନିରନ୍ତରେ,
ଆଦେଶେ ଉଦଧି ନ ଲଙ୍ଘେ ଅବଧି
ଜୟ ଜଗଦୀଶ ହରେ

ତବ ଦିବ୍ୟ ଜ୍ୟୋତି ପରକାଶେ ନିତି
ଗ୍ରହ ତାରା ନୀଳାମ୍ବରେ,
ତବ ପୁଣ୍ୟ ହାସେ କୁସୁମ ବିକାଶେ
ଜୟ ଜଗଦୀଶ ହରେ ।

ନଦୀ ବନ ଗିରି ଶ୍ୟାମ କାନ୍ତ ଶିରୀ
ତୁମ୍ଭର କଟାକ୍ଷେ ଧରେ,
ଗାଏ ତୁମ୍ଭ ଗୀତି ଏ ବିଶ୍ୱ-ଭାରତୀ
ଜୟ ଜଗଦୀଶ ହରେ ।

ଅନନ୍ତ ମହିମା    ଅତୁଳ ସୁଷମା
ବିକଶେ ବିଶ୍ୱ ସ୍ତରେ ସ୍ତରେ,
ତବ ମହାପ୍ରେମ    ଖେଳେ ଚରାଚରେ
ଜୟ ଜଗଦୀଶ ହରେ ।

ସେ ମହାମହିମା    କି ବୁଝିବ ପ୍ରକୃତେ,
କ୍ଷୁଦ୍ର ନର କଳେବରେ,
କି ଭାଷାରେ ତବ    କରିବି ହେ ସ୍ତବ
ଜୟ ଜଗଦୀଶ ହରେ ।

ଦେଶ କାଳ ସୀମା—    ଅଖିଳ ମହିମା
ଅଗୋଚର ସୁର ନରେ,
ଏକ ଅଦ୍ୱିତୀୟ    ପୂର୍ଣ୍ଣ ପ୍ରେମମୟ
ଜୟ ଜଗଦୀଶ ହରେ ।

ପ୍ରଭୁ ପରାତ୍ପର    ପରମ ଈଶ୍ୱର
ଆଶ୍ରା ଦିଅ ଶ୍ରୀପଦରେ,
ପୂରୁ ତବ ଇଚ୍ଛା    ଏ ନର ପରାଣେ
ଜୟ ଜଗଦୀଶ ହରେ ।

ପ୍ରକାଶି କରୁଣା    ଯେ ପୁଣ୍ୟ ପ୍ରେରଣା
ଦେଇଅଛ ମୋ ଅନ୍ତରେ,
କର ତାହା ସିଦ୍ଧି    କରୁଣା-ବାରିଧି
ଜୟ ଜଗଦୀଶ ହରେ ।